## ସଂକ୍ଷେପରେ

### ଗଛ କାଟିନେଲେ ଦୁର୍ବୃତ୍ତ :ଏସ୍‌ପିଙ୍କୁ ଅଭିଯୋଗ

ବଇଣ୍ଡା, ୨୭।୩(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ବନମାଳୀପୁର ଗ୍ରାମର ସଞ୍ଜୟ ବେହେରାଙ୍କ ୧୫ଟି କଦଳୀ ଗଛକୁ ସେହି ଗ୍ରାମର ଜଣେ ଯୁବକ କାଟିନେବା ସହ ବାଡ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ସଞ୍ଜୟ ସୋମବାର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ବୁଧବାର ଅନୁଗୋଳ ଏସ୍‌ପିଙ୍କଠାରେ ସେ ଫେରାଦ ହୋଇଛନ୍ତି। ସଞ୍ଜୟ ତାଙ୍କ ଘର ନିକଟ ଜମିରେ ଗଛ ଲଗାଇଥିଲେ। ଏହା ବଡ ହୋଇଯାଇଥିବାବେଳେ ସେହି ଗ୍ରାମର ଜଣେ ଯୁବକ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗଛ କାଟି ନେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏପରିକି ଥାନାରେ ଅଭିଯୋଗ କରିବା ପରେ ତାଙ୍କୁ ହତ୍ୟା ଧମକ ମିଳିଥିବା ସଞ୍ଜୟ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଠାକୁରଗଡ ଆଇଆଇସି ଗବାକ୍ଷ ନାୟକଙ୍କୁ ପଚାରିବାରେ ସେ ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

### ଯଜ୍ଞରେ ପୂର୍ଣ୍ଣାହୁତି ଦେଲେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ

# ଧର୍ମ ସୁରକ୍ଷା ପାଇଁ ଏକ ହେବାକୁ ଆହ୍ୱାନ



ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ ଅନ୍ୟ ସାଧୁସନ୍ଥମାନେ ମଞ୍ଚାସୀନ ଅଛନ୍ତି।

**ବନ୍ତଳା, ୨୭।୩ (ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଳା ରେଞ୍ଜ କାର୍ଯ୍ୟାଳୟ ନିକଟରେ ନିର୍ମାଣ କରାଯାଇଥିବା ଶ୍ରୀରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଯୋଗଦେଇ ଯଜ୍ଞ କାର୍ଯ୍ୟରେ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ପରେ ବନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ଧର୍ମ ସଭାରେ ଯୋଗଦେଇ ଜଗଦ୍‌ଗୁରୁ ଲୋକଙ୍କ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଜଗଦ୍‌ଗୁରୁ କହିଥିଲେ ଯେ, ସନାତନ ଧର୍ମକୁ ନଷ୍ଟ କରିବା ପାଇଁ ଆନ୍ତର୍ଜାତିକ ସ୍ତରରେ ଯେଉଁ ଷଡ଼ଯନ୍ତ୍ର ଚାଲିଛି ସେଥିରେ ଭାରତ ବର୍ଷର କେନ୍ଦ୍ର ସରକାର ତଥା ପ୍ରାନ୍ତ ସରକାର ସହଯୋଗୀ ବନିଛନ୍ତି। ସମାଜରେ ମାତୃଶକ୍ତିର ଜାଗରଣ ହେଲେ ବୈପ୍ଳବିକ ଜାଗରଣ ସମ୍ଭବ। ସମଗ୍ର ହିନ୍ଦୁ ସମାଜ ଏକହୋଇ ଧର୍ମର ସୁରକ୍ଷା କରିବା ପାଇଁ ଶଙ୍କରାଚାର୍ଯ୍ୟ ଆହ୍ୱାନ ଦେଇଥିଲେ। ଓଡ଼ିଶାର ବିଭିନ୍ନ ରାଜ୍ୟରୁ ଆସିଥିବା ସାଧୁ ସନ୍ଥ, ମହନ୍ତ, ବିଦ୍ୱାନ ଯଥା ସ୍ୱାମୀ ନିର୍ଭିକଲ୍ପା ନନ୍ଦ ସରସ୍ୱତୀ, ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ଜୀବନମୁକ୍ତା ନନ୍ଦ ପୁରୀ, ସ୍ୱାମୀ ଧନଞ୍ଜୟ ପୁରୀ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ଅଚ୍ୟୁତାନନ୍ଦ ସରସ୍ୱତୀ, ସ୍ୱାମୀ ଜିଜ୍ଞାସା ନନ୍ଦ ସରସ୍ୱତୀ, ସ୍ୱାମୀ ଭାସ୍କର ତୀର୍ଥ, ସ୍ୱାମୀ ବିଷ୍ଣୁଗିରି, ସ୍ୱାମୀ ଡ. ସୃତି ସାଗର, ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ, ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେମନ୍ତ କୁମାର ଦାସ, ଆଦିତ୍ୟ ବାହିନୀ ମହାସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ପୀଠ ପରିଷଦର ରାଜ୍ୟ ଉପସଭାପତି ପଣ୍ଡିତ ରୋହିତ କୁମାର ଦାସ ଓ ଅନୁଗୋଳ ଜିଲା ଆଦିତ୍ୟ ଏବଂ ଆନନ୍ଦ ବାହିନୀ ସମସ୍ତ ପଦାଧିକାରୀମାନେ ଯୋଗଦେଇଥିଲେ। ଶ୍ରୀରାମ ମନ୍ଦିର ସଭାପତି ତଥା କେନ୍ଦ୍ର ଆଦିତ୍ୟ ବାହିନୀ ସଙ୍ଗଠକ ପଣ୍ଡିତ ମହେଶ୍ୱର ସାହୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ଏଥିରେ ୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ସୀତାରାମ ପରିଷଦ ଓ ରାମ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଏନ୍‌କେସିସିଟିଇର ବାର୍ଷିକ ଉତ୍ସବ

# ‘ଶିକ୍ଷକ ଭବିଷ୍ୟତକୁ ଶିଢ଼ି’

**ଅନୁଗୋଳ ଅଫିସ, ୨୭।୩**

ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ଏନ୍‌କେସିସିଟିଇ)ର ୬୪ ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୈଜ୍ଞାନିକ ଦୋଳଗୋବିନ୍ଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଶିକ୍ଷକ ହେଉଛନ୍ତି ପିଲାମାନଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତକୁ ଶିଢ଼ି। ଶିକ୍ଷକ ହିଁ ଶିଶୁମାନଙ୍କର ଭବିଷ୍ୟତ ଗଢିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି। ତେଣୁ ସର୍ବଦା ଶିକ୍ଷକମାନେ ସେମାନଙ୍କ କର୍ତ୍ତବ୍ୟ ପ୍ରତି ସଚେତନ ରହିବା ଜରୁରୀ। ଛାତ୍ର ସଂସଦର ସଭାପତି ଗୌତମ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଚୈତନ୍ୟ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ସ୍ଥାପନ ଓ ଏହାର ଉନ୍ନତି କ୍ଷେତ୍ରରେ ବଳିଷ୍ଠ ଭୂମିକା ଗ୍ରହଣ କରିଥିବା ଅଧ୍ୟକ୍ଷମାନଙ୍କ ଅବଦାନ ସମ୍ପର୍କରେ ଡ. ସାହୁ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପଲତା ସାହୁ ଉପସ୍ଥିତ ଥିଲେ। ସଂସ୍କୃତି ପରିଷଦର ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଓ ଛାତ୍ର ପରିଷଦର ଉପଦେଷ୍ଟା ଡ. ଦ୍ରୌପଦୀ ପଟେଲ ଅତିଥି ପରିଚୟ ଦେଇଥିଲେ। ସାଧାରଣ ସମ୍ପାଦକ ବିଜୟ ସାହୁ କଲେଜ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଛାତ୍ର ସଂସଦର ଉପସଭାପତି ଗଙ୍ଗାରାମ ତାନି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅତିଥିମାନେ ପୂର୍ବ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ ‘ଏଇ ନୁହେଁ କାହାଣୀ’ ଦର୍ଶକଙ୍କୁ ବିମୋହିତ କରିଥିଲେ। ନାଟକଟିକୁ ସୁରେନ୍ଦ୍ର ମଲ୍ଲିକ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ।

# ଦଣ୍ଡଯାତ୍ରା ଉଦ୍‌ଘାଟିତ

**ବଇଣ୍ଡା, ୨୭।୩(ଡି.ଏନ.ଏ.)**



କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡହୁଲା ଗ୍ରାମରେ ବୁଧବାର ମା’ ଦକ୍ଷିଣ କାଳୀଙ୍କ ଦଣ୍ଡଯାତ୍ରା ଉଦ୍‌ଘାଟିତ ହୋଇଯାଇଛି। ବାବା ସପ୍ତେଶ୍ୱରଙ୍କଠାରେ ଯଥାରୀତି ପୂଜାର୍ଚ୍ଚନା ହୋଇଥିଲା। ପରେ ସ୍ଥାନୀୟ ପୋଖରୀରେ ବାଲୁକା ପୂଜା କରିବା ସହ ଠାକୁରଙ୍କୁ ନଗର ପରିକ୍ରମା କରାଯାଇଥିଲା। ଏପ୍ରିଲ ୧୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମରେ ଏହି ଦଣ୍ଡଯାତ୍ରା ଅନୁଷ୍ଠିତ ହେବ। ଏଥିରେ ଗ୍ରାମ କମିଟି ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଦଣ୍ଡଯାତ୍ରା କମିଟି ସଭାପତି ମହେଶ୍ୱର ପ୍ରଧାନ, ପୂଜକ ସର୍ବେଶ୍ୱର ମଲ୍ଲିକ, ବୈଷ୍ଣବ ପଲେଇ, ବିରଞ୍ଚି ଦେହୁରୀ, ପ୍ରଭାତ ସ୍ୱାଇଁ, ସପ୍ତେଶ୍ୱର ସାହୁ, ଅନିଲ ପ୍ରଧାନ, ଭୀଷ୍ମ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

## ବାପାଙ୍କୁ ଟାଙ୍ଗିଆରେ ଆକ୍ରମଣ, ପୁଅ ଗିରଫ

**ବଇଣ୍ଡା, ୨୭।୩(ଡି.ଏନ.ଏ.):** କିଶୋରନଗର ଥାନା ହିମିତିରା ଗ୍ରାମର ପରମା ବେହେରାଙ୍କୁ ପୁଅ ସଚ୍ଚିଦାନନ୍ଦ ଟାଙ୍ଗିଆରେ ଆକ୍ରମଣ କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୩୯/୧୯ ମାମଲାରେ ସଚ୍ଚିଦାନନ୍ଦଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ପୋଲିସ କହିଛି, ଜମିବାଡ଼ି ସମସ୍ୟାକୁ କେନ୍ଦ୍ର କରି ବାପ ପୁଅ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା। ପରମା ଘରେ ଥିବାବେଳେ ସଚ୍ଚିଦାନନ୍ଦ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

### ପିସି ଓ ପିଏନ୍‌ଡିଟି ପରାମର୍ଶଦାତା କମିଟି ବୈଠକ

# ଷ୍ଟିଙ୍ଗ୍ ଅପରେଶନ ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୨୭।୩**


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଅନୁଗୋଳ ଜିଲାରେ ଥିବା ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଓ ନର୍ସିଂହୋମରେ ପିଏନ୍‌ଡିଟି ଆଇନକୁ କଡ଼ାକଡ଼ି ପାଳନ କରିବା ପାଇଁ ମଙ୍ଗଳବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପିସିଆଣ୍ଡପିଏନ୍‌ଡିଟିର ସହକାରୀ ପରିଚାଳକ ପର୍ଶୁରାମ ପଣ୍ଡା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲାରେ କନ୍ୟା ଭ୍ରୂଣ ହତ୍ୟା ନିୟନ୍ତ୍ରଣ ପାଇଁ ଶିଶୁ କନ୍ୟାମାନଙ୍କ ଗୁରୁତ୍ୱ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପ୍ରତି ପଞ୍ଚାୟତରେ ଯେଉଁ ଶିଶୁ କନ୍ୟାମାନେ ସେମାନଙ୍କ ପ୍ରତିଭା ପ୍ରତିପାଦିତ କରିଛନ୍ତି ସେମାନଙ୍କୁ ଚିହ୍ନଟ କରି ସମ୍ବର୍ଦ୍ଧିତ କରିବା ସହ ରୋଲ ମଡେଲ ଭାବେ ବିବେଚନା କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବିଗତବର୍ଷ ତୁଳନାରେ ଶିଶୁ କନ୍ୟାମାନଙ୍କ ଜନ୍ମହାର ବୃଦ୍ଧି ହୋଇଛି। ୨୦୧୭ରେ ଏହା ୮୯୬ ଥିବାବେଳେ ୨୦୧୮ରେ ୯୧୧ରେ ପହଞ୍ଚିଛି। ଯେଉଁ ମାତାପିତାମାନେ ଗୋଟିଏ କିମ୍ବା ୨ଟି କନ୍ୟା ସନ୍ତାନ ପରେ ସ୍ଥାୟୀ ବନ୍ଧ୍ୟାକରଣ ଉପାୟ ଅବଲମ୍ବନ କରି ଝିଅମାନଙ୍କ ଠିକ୍ ଲାଳନପାଳନ କରିଥିବେ ସେମାନଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ସେହିପରି ବେଆଇନ ଲିଙ୍ଗ ନିରୂପଣ ହେଉଥିବା କ୍ଲିନିକ ଗୁଡ଼ିକରେ ସାମାଜିକ କର୍ମୀମାନଙ୍କ ସହଯୋଗରେ ଷ୍ଟିଙ୍ଗ୍ ଅପରେଶନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ (ମେଡିକାଲ) ଡାକ୍ତର ଲକ୍ଷ୍ମୀ ନାରାୟଣ ବିଶୋଇ, ନାରୀ ସୁରକ୍ଷା ସମିତି ସମ୍ପାଦିକା ସ୍ମିତା ପଟ୍ଟନାୟକ, ଆଇସିଡିଏସ୍‌ର ପ୍ରୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥ, ସାମାଜିକ କର୍ମୀ ପର୍ଶୁରାମ ଦାସ ଓ ଜ୍ୟୋତିର୍ମୟୀ ଦେହୁରୀ, ଡିପିଏମ୍‌ଏନ୍‌ଏଚ୍‌ଏମ୍ ବିଶ୍ୱ ରଞ୍ଜନ ରଥଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ।

## ବ୍ୟାଙ୍କ କର୍ମଚାରୀଙ୍କ ଠାରୁ ଟଙ୍କା ଲୁଟ୍

**ଅନୁଗୋଳ ଅଫିସ, ୨୭।୩**

ଅନୁଗୋଳ ଜିଲା ଅଙ୍ଗାରବନ୍ଧ ବାରସିଂହା ଠାରେ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ଠାରୁ ୩୦ ହଜାର ଟଙ୍କା ଛଡ଼ାଇ ନେଇ ଯାଇଛନ୍ତି ଦୁର୍ବୃତ୍ତ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ଘଟଣାରୁ ପ୍ରକାଶ, ଅନୁଗୋଳ ବନ୍ଧନ ବ୍ୟାଙ୍କର କର୍ମଚାରୀ ରମେଶ ସାମଲ ଟଙ୍କା ଆଦାୟ କରିବା ପାଇଁ ବାରସିଂହା ଯାଇଥିଲେ। ସେଠାରୁ ଫେରିବା ସମୟରେ ପିଛା କରୁଥିବା ଜଣେ ଦୁର୍ବୃତ୍ତ ନିଛାଟିଆ ରାସ୍ତାରେ ରମେଶଙ୍କ ଗାଡ଼ିକୁ ଅଟକାଇଥିଲେ। ଏହାପରେ ରମେଶଙ୍କ ପାଖରେ ଥିବା ୩୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ।




## ଜଳୁଛି ଜଙ୍ଗଲ, ଗାଁ ମୁହାଁ ବନ୍ୟଜନ୍ତୁ


ଧୁଣ୍ଡି ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗିଛି।

**ବଇଣ୍ଡା, ୨୭।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ହଣ୍ଡପା ରେଞ୍ଜ ଅଧୀନରେ ଥିବା ଧୁଣ୍ଡି ଗ୍ରାମ୍ୟ ଜଙ୍ଗଲରେ ସୋମବାରଠାରୁ ନିଆଁ ଲାଗିଛି। ୨ ଦିନ ହେଲାଣି ଜଙ୍ଗଲ ଜଳୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ନିଆଁ ଯୋଗୁ ଜଙ୍ଗଲରେ ଥିବା ବନ୍ୟଜନ୍ତୁ ଗାଁ ମୁହାଁ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ, ଏବେ ମହୁଲ ଫୁଲ ସଂଗ୍ରହ ସମୟ ହୋଇଥିବାରୁ କେତେଜଣ ଗାଇଚରାଳି ଜଙ୍ଗଲରୁ ଫୁଲ ଗୋଟାଉଛନ୍ତି। ତେବେ ଶୁଖିଲା ପତ୍ର ପଡିଥିବା ଯୋଗୁ ମହୁଲ ଫୁଲ ସଂଗ୍ରହରେ ଅସୁବିଧା ହେଉଥିବାରୁ ସେମାନେ ସେଥିରେ ନିଆଁ ଲଗାଇ ଦେଉଛନ୍ତି। ଫଳରେ ଜଙ୍ଗଲ ସାରା ନିଆଁ ବ୍ୟାପୁଛି। ଏଥିଯୋଗୁ ବହୁ ମୂଲ୍ୟବାନ ଓ ଔଷଧୀୟ ଗଛ ପୋଡିଯାଉଛି। ଫଳରେ ଆଖପାଖ ଅଞ୍ଚଳରେ ଉତ୍ତାପ ବଢୁଛି। ନିଆଁ ଉଡି ଘରକୁ ଆସିବା ଭୟରେ ନିକଟସ୍ଥ ଗାଁ ବଡହୁଲା, ଝିଲିମୁଣ୍ଡା, ସାନଗୋବିନ୍ଦପୁର ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ସେହିପରି ବନ୍ୟପ୍ରାଣୀ ନିଆଁରୁ ବର୍ତ୍ତିବା ପାଇଁ ଲୋକବସତି ଅଞ୍ଚଳକୁ ପଶିଆସୁଛନ୍ତି। ଏ ନେଇ ହଣ୍ଡପା ବନ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଧୁଣ୍ଡି ଗ୍ରାମବାସୀ କହିଛନ୍ତି। ତୁରନ୍ତ ଜଙ୍ଗଲ ନିଆଁ ଲିଭାଯିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କୁହନ୍ତି, ତୁରନ୍ତ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇ ନିଆଁ ଲିଭାଯିବ।



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବାଳକ ମୃତ

**ଢେଙ୍କାନାଳ ଅଫିସ, ୨୭।୩ :** ଢେଙ୍କାନାଳ ସଦର ଥାନା ନମିରିଚା ଗ୍ରାମରେ ବୁଧବାର ପୂର୍ବାହ୍ନ ୧୦ଟାରେ ପୋଖରୀରେ ବୁଡ଼ି ଜଣେ ବାଳକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ପ୍ରତାପ ନାୟକଙ୍କ ପୁଅ ସିପୁନ (୮)। ସିପୁନ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ମହିଳାଙ୍କୁ ବଳାତ୍କାର ଉଦ୍ୟମ

**ରାସୋଳ, ୨୭।୩(ଡି.ଏନ.ଏ.):** ରାସୋଳ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଗଣ୍ଡାନାଳୀ ଗ୍ରାମର ବାସୁଦେବ ସ୍ୱାଇଁଙ୍କୁ ବୁଧବାର ପୋଲିସ ଗିରଫ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ମହିଳାଙ୍କ ଘରେ ବାସୁଦେବ କୌଶଳକ୍ରମେ ପଶି ବଳାତ୍କାର ଉଦ୍ୟମ କରିଥିଲେ। ମହିଳାଙ୍କ ଚିତ୍କାର ଶୁଣି ଘର ଲୋକେ ଉଠିପଡ଼ିବାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଏ ନେଇ ନଂ. ୨୬/୧୯ରେ ମାମଲା ରୁଜୁ କରାଯାଇଛି।

### 'ନାଟକ ଚାଲିଛି, ଚାଲିବ'

**ଢେଙ୍କାନାଳ ଅଫିସ, ୨୭।୩:** ସାଂସ୍କୃତିକ ଅନୁଷ୍ଠାନ ଚାର୍ଲି ଚାପ୍‌ଲିନ୍ କଲ୍‌ଚରାଲ କ୍ଲବ ପକ୍ଷରୁ ଦକ୍ଷିଣକାଳୀଠାରେ ବୁଧବାର ସନ୍ଧ୍ୟାରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ନାଟକର ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କ୍ଲବର ବରିଷ୍ଠ ସଦସ୍ୟ ଅଥୟ କୁମାର ସାହୁ, ଦେବାଶିଷ ମିଶ୍ର, ରାଜଶ୍ରୀ ଶତପଥୀ, କାମାକ୍ଷା ପ୍ରସାଦ ରଣା, ଏ.ଏନ୍.ପି. ଲୋପାମୁଦ୍ରା, ଆଶିଷ ଶତପଥୀ, ପ୍ରମୋଦ ଦାସ ପ୍ରମୁଖ ଆଲୋଚନାରେ ଭାଗନେଇ କହିଲେ, ପ୍ରତିଯୋଗିତାମୂଳକ ଯୁଗରେ ମଧ ମଞ୍ଚ ନାଟକ ନିଜର ସ୍ଥିତାବସ୍ଥା ବଜାୟ ରଖିଛି। ନାଟକ ସବୁବେଳେ ଜୀବନ୍ତ। ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ମଧ ନାଟକ ଚାଲିଛି ଆଗକୁ ମଧ ଚାଲିବ ବୋଲି ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। କ୍ଲବର ବାର୍ଷିକ ଉତ୍ସବରେ ସଚେତନତାଧର୍ମୀ ନାଟକ ମଞ୍ଚସ୍ଥ କରିବାକୁ ଅରବିନ୍ଦ ସାହୁ ପ୍ରସ୍ତାବ ଦେଇଛନ୍ତି। ଗୀତାଞ୍ଜଳି ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଶିଶୁ କଳାକାର ଏ.ଆର. ଜିଜ୍ଞାସୁ ସାହୁ ଧନ୍ୟବାଦ ଦେଇଥିଲେ।

### ଶ୍ରୀରାମ ଚରିତ ମାନସ ପାରାୟଣ

**ଢେଙ୍କାନାଳ ଅଫିସ, ୨୭।୩:** ଢେଙ୍କାନାଳ ବାଜିଚୌକସ୍ଥିତ ସୀତାରାମ ଓଁକାରନାଥ ଆଶ୍ରମରେ ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇଛି ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ। ଏହା ଏପ୍ରିଲ ୩ ଯାଏ ଚାଲିବ। ଉଦ୍‌ଘାଟନୀ ଦିବସରେ ଶୁଭାଧିବାସ, ଘଟସ୍ଥାପନ, ଧ୍ୱଜୋତ୍ତୋଳନ, ସଂକଳ୍ପ ସମାବେଶ ବିଧି ଅନୁଯାୟୀ କରାଯାଇଥିଲା। ଏଥିରେ ମହିଳା ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଶିଳ୍ପପତି ସାଗରମଲ୍ଲ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ଚେତନା ସମିତି ସଭାପତି ପ୍ରଦ୍ୟୁମ୍ନ ରଥ ଯୋଗଦେଇ ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ନୀତିଆଦର୍ଶର ଅବତାରଣା କରିଥିଲେ। ପଣ୍ଡିତ ରମାକାନ୍ତ ଷଡ଼ଙ୍ଗୀ ଏବଂ ସର୍ବାନନ୍ଦ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ବିଭିନ୍ନ ଦିବସରେ ଆୟୋଜିତ ଜ୍ଞାନଯଜ୍ଞରେ ପଣ୍ଡିତ ଜୟଦେବ ଷଡ଼ଙ୍ଗୀ, ରବିନାରାୟଣ ମିଶ୍ର, ଚାରୁଭାଷିଣୀ ଜେନା, ନାରାୟଣ ଦାସ, ପ୍ରମୋଦ କୁମାର ଦାଶ, ମୃତ୍ୟୁଞ୍ଜୟ ଚୌଧୁରୀ, ଅଭିମନ୍ୟୁ ବରାଳ ପ୍ରମୁଖ ପ୍ରବଚନ ଦେବା କାର୍ଯ୍ୟକ୍ରମ ରହିଛି। ରାମକଥା ଶୁଣିବାକୁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି।

### ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ, ୨୭।୩:** ଗଁଦିଆ ବ୍ଲକ ଦେଓଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ଅଧକ୍ଷତାରେ ବୁଧବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୦୧୮-୧୯ ବର୍ଷ ପାଇଁ ଶାନ୍ତିଲତା ଦାସଙ୍କୁ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ମାନପତ୍ର, ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ସରପଞ୍ଚ ସାଗରିକା ସାହୁ, ପରିଚାଳନା କମିଟି ସଭାପତି ଗଙ୍ଗାଧର ବାରିକ, ସଭ୍ୟ ସୁବାସ ଚନ୍ଦ୍ର ଦାସ, ହରେକୃଷ୍ଣ ସାହୁ, ପ୍ରକାଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ମମତା ଦେହୁରୀ, ସଂଜ୍ଞା ସାଗରିକା ସ୍ୱାଇଁ ସହଯୋଗ କରିଥିଲେ।

■ଆର୍ଟ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ

# ଏକାଠି ହେଲେ ନାଟ୍ୟପ୍ରେମୀ




ପଦଯାତ୍ରାରେ ସାମିଲ ହୋଇଥିବା କଳାପ୍ରେମୀମାନେ।

**ଢେଙ୍କାନାଳ ଅଫିସ, ୨୭।୩**

ଢେଙ୍କାନାଳର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଅଲଟରନେଟିଭ୍ ରିଦମ୍ ଥିଏଟର (ଆର୍ଟ) ପକ୍ଷରୁ ବୁଧବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବାଜିଚୌକ୍‌ଠାରୁ ଶୋଭାଯାତ୍ରା ବାହାରି ମିନି ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଭିନ୍ନ ଅନୁଷ୍ଠାନର ନାଟ୍ୟଶିଳ୍ପୀ, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟପ୍ରେମୀ ଏବଂ ଲୋକକଳା ଶିଳ୍ପୀ ସାମିଲ ହୋଇଥିଲେ।

ପ୍ରାରମ୍ଭରେ ବିଶିଷ୍ଟ ନାଟ୍ୟକାର କାର୍ଲସ ସେଲ୍‌ଡ୍ରାନଙ୍କ ଦ୍ୱାରା ରଚିତ ବିଶ୍ୱ ନାଟ୍ୟବାର୍ତ୍ତାର ଓଡ଼ିଆ ଭାବାନୁବାଦ ଉନ୍ମୋଚନ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ତଥା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ପଣ୍ଡିତ ମନୋରଞ୍ଜନ ନନ୍ଦ, ବରିଷ୍ଠ ଖବରଦାତା ପ୍ରସନ୍ନ ପଟ୍ଟନାୟକ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଅଧକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଗଣେଶ ବଜାର ପୂଜା କମିଟି ସମ୍ପାଦକ ବିଶ୍ୱନାଥ ବେହେରା, ବରିଷ୍ଠ କଳାକାର ସୁରେଶ ମହାନ୍ତି, ଶତ୍ରୁଘ୍ନ ମାଟି, ପରେଶ ଚନ୍ଦ୍ର ପଟ୍ଟନାୟକ, ଇନ୍ଦ୍ରମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଦୀନେଶ ଦାସ ବାର୍ତ୍ତା ପାଠ କରିଥିଲେ। ଏହାପରେ ପଦଯାତ୍ରା ଶୁଭାରମ୍ଭ ହୋଇଥିଲା। ଚାର୍ଲି ଚାପ୍‌ଲିନ୍ କଲଚରାଲ କ୍ଲବ, କଳା ପରିଷଦ, ଶିଳ୍ପୀ, ଶତରୂପା, ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ନାଟ୍ୟାନୁଷ୍ଠାନର ଶତାଧିକ କଳାକାର ସ୍ଲୋଗାନ ମାଧମରେ ଜନସାଧାରଣଙ୍କ ନାଟକ ସମ୍ପର୍କରେ ଅବଗତ କରାଇଥିଲେ।

ନାଟ୍ୟଶିଳ୍ପୀ ଅମ୍ବିକା ପ୍ରସାଦ ପଟ୍ଟନାୟକ, ଅରବିନ୍ଦ ସାହୁ, ବିନୋଦ ମହାନ୍ତି, ପ୍ରଶାନ୍ତ ମହାନ୍ତି, ପ୍ରସନ୍ନ ପାଣି, ପ୍ରବୀର ମହାନ୍ତି, ନୃସିଂହ ବେହେରା, ଦୁର୍ଗାପ୍ରସାଦ ମହାପାତ୍ର, ସତ୍ୟ ନାରାୟଣ କର, ମଧୁସୂଦନ ରାଉତ, ସୌମ୍ୟବ୍ରତ ସାହୁ ପ୍ରମୁଖ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। 'ଆର୍ଟ'ର ଅଧକ୍ଷା ଡ. ପୁଷ୍ପଲତା ରଥ, ସଂଯୋଜକ ପ୍ରଦୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୟଚନ୍ଦ୍ର ମହାପାତ୍ର, ଦେବାଶିଷ ମିଶ୍ର, ମନୋହର ଶତପଥୀ, ଦେବକାନ୍ତ ମିଶ୍ର, କାମାକ୍ଷାପ୍ରସାଦ ରଣା, ପୁରୁଷୋତ୍ତମ ବେହେରା, ହରେକୃଷ୍ଣ ସାହୁ, ପ୍ରମୋଦ ଦାସ, ଅର୍ଚ୍ଚନା ବାରିକ, ଅମିରାରାଣୀ ଦେହୁରୀ, ପବିତ୍ର ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



ଅଗ୍ନିବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

## ଅଗ୍ନିବିପନ୍ନଙ୍କୁ ସହାୟତା

**ଛେଣ୍ଡିପଦା,୨୭।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକର ପାତ୍ରପଡ଼ା ଗ୍ରାମରେ ଗତ ୨୪ତାରିଖ ଅଗ୍ନିକାଣ୍ଡର ବିପନ୍ନ ୨୨ ପରିବାରକୁ କଣିହାଁ ଗୋପବନ୍ଧୁ ଅନ୍ଧ କଲ୍ୟାଣ ସମିତି ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସମିତି ପକ୍ଷରୁ ବିପନ୍ନଙ୍କୁ ପୋଷାକପତ୍ର ପ୍ରଦାନ କରାଯାଇଥିଲା। ସମିତି ସଭାପତି ସୁଧାକର ପ୍ରଧାନ, ସମ୍ପାଦକ କାଳିନ୍ଦୀ ଚରଣ ପ୍ରଧାନ, ଅବନୀ ସାହୁ, ଆଲୋକ ସାହୁ ଏବଂ କଣିହାଁ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ ବୁଧବାର ପାତ୍ରପଡ଼ାରେ ପହଞ୍ଚି ସରପଞ୍ଚ ଯୋଗେଶ୍ୱର ସାହୁଙ୍କ ମାଧମରେ ଏହି ସହାୟତା ପ୍ରଦାନ କରିଥିଲେ। ଏଥିସହିତ ଏନ୍‌ଟିପିସି କର୍ମଚାରୀ ନିରଞ୍ଜନ ପ୍ରଧାନ କ୍ଷତିଗ୍ରସ୍ତଙ୍କୁ ୧୦ ଦିନ ପାଇଁ ରାଶନ ସାମଗ୍ରୀ ମଧ ପ୍ରଦାନ କରିଛନ୍ତି।

■ଉଜ୍ଜ୍ୱଳ ପ୍ରଶିକ୍ଷଣ ଶିବିର

## ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ

**ଭୁବନ, ୨୭।୩(ଡି.ଏନ୍.ଏ.)**

ବଦଳୁଛି ଶିକ୍ଷା ପଦ୍ଧତି। ସରକାରୀସ୍ତରରେ ନୂତନ ଢଙ୍ଗରେ ପାଠପଢ଼ା ଉପରେ ଗୁରୁତ୍ୱ ଦିଆଯାଉଛି। ତଥାପି ପ୍ରାଥମିକ ଶିକ୍ଷାରେ ଆଶାନୁରୂପ ଅଗ୍ରଗତି ହେଉନାହିଁ। ଏହି ସମସ୍ୟାର ସମାଧାନ କରିବାକୁ ଗୁଣାତ୍ମକ ଶିକ୍ଷା ଉପରେ ଫୋକସ୍ କରାଯାଉଛି। ଶିକ୍ଷାକ୍ଷେତ୍ରରେ ପଛୁଆ ପଡ଼ିଥିବା ଛାତ୍ରୀଛାତ୍ରଙ୍କୁ ସହଜ ପ୍ରଣାଳୀରେ ଶିକ୍ଷାଦାନ କରିବା ଉପରେ ଅଧିକ ଗୁରୁତ୍ୱ ଦେଉଛି ଶିକ୍ଷା ବିଭାଗ। ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅଧିକ କ୍ରିୟାଶୀଳ କରାଇବାକୁ ଆରମ୍ଭ ହୋଇଛି ଉଜ୍ଜ୍ୱଳ ଏବଂ ଉତ୍‌ଥାନ ଯୋଜନା ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନ ବଡ଼ହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାରଠାରୁ ଆରମ୍ଭ ହୋଇଛି ୪ର୍ଥ ପର୍ଯ୍ୟାୟ ଉଜ୍ଜ୍ୱଳ ପ୍ରଶିକ୍ଷଣ ଶିବିର । ଏଥିରେ ବ୍ଲକ ଏବଂ ଏନ୍‌ଏସିରେ କାର୍ଯ୍ୟରତ ୪୩ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଛନ୍ତି।



ପ୍ରଶିକ୍ଷଣ ଶିବିରରେ ଶିକ୍ଷୟିତ୍ରୀଶିକ୍ଷକ।

ଏବିଇଓ ସୁମତୀ ପ୍ରଧାନ ଏବଂ ସ୍କୁଲ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ ଉଭୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ବଡ଼ହାଟ ସ୍କୁଲରେ ଦିଲୀପ ରାଉତ, ପ୍ରଦୀପ ବେହେରା, ରାଜୀବ ସାହୁ, ସୁଧୀର ସାହୁ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଲୋକ ପ୍ରଧାନ, ମନମୋହନ ସାହୁ, ବିକ୍ରମ କେଶରୀ ବେହେରା, ସୁବ୍ରତ ମିଶ୍ର ପ୍ରମୁଖ ପ୍ରଶିକ୍ଷକ ଭାବେ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ। ୪ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ଶ୍ରେଣୀଗୃହରେ ବୌଦ୍ଧିକ ଶିକ୍ଷା, ଦୁର୍ବଳ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ପଦ୍ଧତିରେ ଶିକ୍ଷାଦାନ ଉପରେ ପ୍ରଶିକ୍ଷଣ ଦିଆଯିବ।

### ହିଙ୍ଗୁଳା ମନ୍ଦିର ପାଇଁ ଅର୍ଥଦାନ

**ତାଳଚେର,୨୭।୩(ନି.ପ୍ର.)**

ତାଳଚେର ଗୋପାଳ ପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ନୂତନ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଛେଣ୍ଡିପଦା ବ୍ଲକ ଆମ୍ବପାଳ ଗ୍ରାମବାସୀଙ୍କ ପକ୍ଷରୁ ମନ୍ଦିର ପାଣ୍ଠିକୁ ଅର୍ଥଦାନ କରାଯାଇଛି। ଗ୍ରାମ ସମ୍ପାଦକ ରବିଚନ୍ଦ୍ର ମାଝି, ସଦସ୍ୟ ପ୍ରଲୋଭନ ମାଝି ହିଙ୍ଗୁଳା ମନ୍ଦିରରେ ପହଞ୍ଚି ୧୧,୭୦୧ ଟଙ୍କା ଟ୍ରଷ୍ଟବୋର୍ଡ ସଦସ୍ୟ ଗଗନ ବିହାରୀ ସାହୁ, ପୂଜକ ଟଙ୍କଧର ଦେହୁରୀ, ପଞ୍ଚାନନ ବେହେରା ଓ ବୁଦ୍ଧେଶ୍ୱର ଦ୍ୱିବେଦୀଙ୍କ ଉପସ୍ଥିତରେ ପ୍ରଦାନ କରିଥିଲେ। ଆମ୍ବପାଳ ଗ୍ରାମବାସୀଙ୍କ ଏଭଳି ମହତ କାର୍ଯ୍ୟକୁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି ।

## ଶ୍ରୀରାଧାକୃଷ୍ଣଜୀଉଙ୍କ ସାତଦୋଳ ଉତ୍ସବ



ବିମାନରେ ଶ୍ରୀରାଧାକୃଷ୍ଣଙ୍କୁ ନଗର ପରିକ୍ରମାରେ ନିଆଯାଉଛି।

**ଢେଙ୍କାନାଳ ଅଫିସ, ୨୭।୩**

ଢେଙ୍କାନାଳ ଜିଲା ଯାଦବ ମହାସଭା ଆନୁକୂଲ୍ୟରେ ଶ୍ରୀରାଧାକୃଷ୍ଣଜୀଉଙ୍କ ସାତଦୋଳ ଉତ୍ସବ ବୁଧବାର ଯଦୁପତି ବିହାରସ୍ଥିତ ଜୁବିଲି ଟାଉନ୍‌ରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅପରାହ୍ନରେ ଜୟଗୋପାଳ ସାହିସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପରିସରରୁ ଗୋପାଳ ଲଉଡ଼ି ଖେଳ ସହିତ ମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହାପରେ ଠାକୁରଙ୍କୁ ବିମାନରେ ସହର ପରିକ୍ରମା କରାଯାଇ ପୀଠକୁ ନିଆଯାଇଥିଲା। ଲଉଡ଼ି ଖେଳରେ ସହର ଉତ୍ସବମୁଖର ହୋଇଉଠିଥିଲା। ଜିଲା ଯାଦବ ମହାସଭା ଉପଦେଷ୍ଟା ଦେବୀପ୍ରସାଦ ଭୂତିଆ, ସଭାପତି ପ୍ରମୋଦ ବେହେରା, ସମ୍ପାଦକ ସଚିନ ଦାସ, ଯାତ୍ରା କମିଟି ସଭାପତି ବିଜୟ ବେହେରା, ସମ୍ପାଦକ ବିଷ୍ଣୁଚରଣ ବେହେରା, ଅକ୍ଷୟ ଭୋଇଙ୍କ ସମେତ ଯାଦବ ମହାସଭାର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ଗୁରୁତ୍ୱ



କାର୍ଯ୍ୟକ୍ରମରେ ବନ କର୍ମଚାରୀ ଏବଂ ବନ ସୁରକ୍ଷା ସମିତି ସଦସ୍ୟମାନେ।

**ଛେଣ୍ଡିପଦା,୨୭।୩(ଡି.ଏନ.ଏ.)**

ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଜରପଡା ବନାଞ୍ଚଳସ୍ତରୀୟ ବନ ସୁରକ୍ଷା ସମିତିର ସମୀକ୍ଷା ବୈଠକ ବୁଧବାର ସ୍ଥାନୀୟ ବନାଞ୍ଚଳ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ନାଏକଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଗ୍ରୀଷ୍ମଋତୁରେ କିଭଳି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରାଯିବ ଏବଂ ଏ ନେଇ ଜନସାଧାରଣଙ୍କୁ ସଚେତନ କରାଯିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବେଆଇନ ଭାବେ ଜଙ୍ଗଲରେ ନିଆଁ ଲଗାଉଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଆଲୋଚନା କରାଯାଇଥିଲା। ସେହିପରି ଜଙ୍ଗଲ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଆମ ଜଙ୍ଗଲ ଯୋଜନାର ଅଗ୍ରଗତି ଓ ସଫଳତା ଉପରେ ସମୀକ୍ଷା କରାଯାଇଥିଲା। ସମିତି ପରିଚାଳନା କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଉପରେ ବିଭାଗ ପଦକ୍ଷେପ ନେବା ସାଙ୍ଗକୁ ସମ୍ପୃକ୍ତ ସମିତି ଇଲାକାରେ ହାତୀ ଉପଦ୍ରବ ରୋକାଯିବାକୁ ବନ ସୁରକ୍ଷା ସମିତି ପକ୍ଷରୁ ଦାବି କରାଯାଇଥିଲା। ବୈଠକରେ ଦାବି ଆଲୋଚନା କରାଯିବା ସହ ସର୍ବସମ୍ମତ ପ୍ରସ୍ତାବ ଆଗତ କରଯାଇଥିଲା। ଫରେଷ୍ଟର ଲୋକନାଥ ପ୍ରଧାନ, ବିକାଶ ବେହେରାଙ୍କ ସମେତ ପ୍ରାୟ ସମସ୍ତ ସମିତି ସଭାପତି, ସମ୍ପାଦକ ତଥା ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଫରେଷ୍ଟ ରେଞ୍ଜ ଅଧୀନରେ ରାଜ୍ୟ ସରକାରଙ୍କ ଆମ ଜଙ୍ଗଲ ଯୋଜନା ମାଧମରେ ୨୦, ଓଡ଼ିଶା ଫରେଷ୍ଟ୍ରି ସେକ୍ଟର ଡେଭେଲପମେଣ୍ଟ ପ୍ରୋଜେକ୍ଟ ମାଧମରେ ୩୩ ଏବଂ ଏଫ୍‌ଡିଏ ସ୍କିମ ମାଧମରେ ୩ ବନ ସୁରକ୍ଷା ସମିତି କାର୍ଯ୍ୟ କରୁଛି।

■ସ୍କାଉଟ୍ସ, ଗାଇଡ୍ସରେ ଉଲ୍ଲେଖନୀୟ ଅବଦାନ

# ଡିଇଓ, ଅଧାପକ ପୁରସ୍କୃତ

**ଢେଙ୍କାନାଳ ଅଫିସ/ଭୁବନ (ଡି.ଏନ୍.ଏ.), ୨୭।୩**

ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସରେ ଉଲ୍ଲେଖନୀୟ କାର୍ଯ୍ୟ, ଏହାକୁ ଜନମାନସରେ ପରିଚିତ କରାଇବା ଏବଂ ଜୀବନବ୍ୟାପୀ ସାଧନା ପାଇଁ ଢେଙ୍କାନାଳ ଜିଲା ଶିକ୍ଷାଧିକାରୀ (ଡିଇଓ) ସୁଧାନନ୍ଦ ପରିଡ଼ାଙ୍କୁ ରାଜ୍ୟସ୍ତରରେ ପୁରସ୍କୃତ କରାଯାଇଛି। ଭୁବନେଶ୍ୱର ରାଜଭବନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଜ୍ୟପାଳ ଗଣେଶୀ ଲାଲ୍ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଉତ୍ସବରେ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର କାଳୀପ୍ରସନ୍ନ ମିଶ୍ର ଉପସ୍ଥିତ ଥିଲେ। ଏ ନେଇ ଡିଇଓ ଜିଲାରେ କାର୍ଯ୍ୟରତ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ସମସ୍ତ କର୍ମକର୍ତ୍ତା, ସଦସ୍ୟ, ଛାତ୍ରୀଛାତ୍ର ଏବଂ ସହଯୋଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି କବ୍ ବୁଲ୍‌ବୁଲ୍ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ଲାଗି ଗଁଦିଆ ବ୍ଲକ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା ମଧ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି।



ଅଧାପକ ପ୍ରଭାତ କୁମାର ଜେନାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।




ଡିଇଓ ସୁଧାନନ୍ଦ ପରିଡ଼ାଙ୍କୁ ରାଜ୍ୟପାଳ ଗଣେଶୀ ଲାଲ ପୁରସ୍କୃତ କରୁଛନ୍ତି।

ଅନୁରୂପ ଭାବେ ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ କାର୍ଯ୍ୟରତ ସ୍କାଉଟ୍ସ ଓ ଗାଇଡ୍ସ ଲିଡର ଅଧାପକ ପ୍ରଭାତ କୁମାର ଜେନା ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି। ଏଥିସହ କଲେଜର ୧୬ ଗାଇଡ୍ସ ରେଞ୍ଜର ଏବଂ ୯ ସ୍କାଉଟ୍ସ ରୋଭରଙ୍କୁ ମଧ ପୁରସ୍କୃତ କରାଯାଇଛି। ବୁଧବାର ରାଜଭବନରେ ଆୟୋଜିତ ସମାରୋହରେ ରାଜ୍ୟପାଳ ଗଣେଶୀ ଲାଲ ସମସ୍ତଙ୍କୁ ସମ୍ମାନିତ କରିଥିଲେ। ସୂଚନାଯୋଗ୍ୟ, ୨୦୧୮-୨୦୧୯ ଶିକ୍ଷାବର୍ଷରେ ବିଭିନ୍ନ ଶିବିରରେ ବାଜି ରାଉତ ସ୍ମୃତି କଲେଜର ସ୍କାଉଟ୍ସ ଏବଂ ଗାଇଡ୍ସ ସ୍ୱେଚ୍ଛାସେବୀ ଭାଗ ନେଇ ଦକ୍ଷତା ପ୍ରଦର୍ଶନ କରିଥିଲେ। ଜିଲାରୁ ଏକମାତ୍ର ଲିଡର ଭାବେ ଅଧାପକ ପ୍ରଭାତ ଏହି ସଫଳତା ପାଇଛନ୍ତି। ଏଥିଲାଗି କଲେଜ କର୍ତ୍ତୃପକ୍ଷ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଧରିତ୍ରୀର ଢେଙ୍କାନାଳ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।





## ସଂକ୍ଷେପରେ

### ଆଦର୍ଶ ଆଚରଣ ବିଧି ଜଗିବ ଷ୍ଟାଣ୍ଡିଂ କମିଟି

**ଢେଙ୍କାନାଳ ଅଫିସ, ୨୭।୩:** ଚଳିତ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧିକୁ ସୁଚାରୁରୂପେ କାର୍ଯ୍ୟକାରୀ କରିବାକୁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଷ୍ଟାଣ୍ଡିଂ କମିଟି ଗଠିତ ହୋଇଛି। ଏଥିରେ ଅଧ୍ୟକ୍ଷ ଭାବେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ନିଖିଲ ପଓ୍ବନ କଲ୍ୟାଣ, ସଦସ୍ୟା ଆବାହକ ଭାବେ ଡେପୁଟି କଲେକ୍ଟର ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ରହିଛନ୍ତି। ସେହିପରି ଏଆଇସିସି, ବିଏସ୍‌ପି, ଭାଜପା, ସିପିଆଇ, ସିପିଆଇ(ଏମ୍), ଆଇଏନ୍‌ସି, ଏନ୍‌ସିପି, ବିଜେଡି ଜିଲା ସଭାପତି ଏବଂ ସାଧାରଣ ସମ୍ପାଦକ କମିଟି ସଦସ୍ୟ ରହିଛନ୍ତି। କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ଆଦର୍ଶ ଆଚରଣବିଧି ଉଲ୍ଲଂଘନ ମାମଲାରେ ଜଡ଼ିତ ହେଲେ ଉକ୍ତ କମିଟି ଆଲୋଚନା କରି ନିଷ୍ପତ୍ତି ନେବ। ଆଦର୍ଶ ଆଚରଣବିଧି ବ୍ୟତିରେକ ଅନ୍ୟ କୌଣସି ନିର୍ବାଚନ ସମ୍ପର୍କିତ ସମସ୍ୟାର ସମାଧାନ ମଧ୍ୟ କମିଟି ମାଧ୍ୟମରେ କରାଯାଇପାରିବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ ସୂଚନା ଦେଇଛନ୍ତି।

### ୨ରେ ନାମାଙ୍କନ ଭରିବେ ଅଗସ୍ତି



ଛେଣ୍ଡିପଦା ,୨୭।୩(ସ୍ବ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ଅଗସ୍ତି ବେହେରାଙ୍କୁ ବିଧାୟକ ପ୍ରାର୍ଥୀ କରାଯାଇଛି। ଆସନ୍ତା ୨ ତାରିଖରେ ସେ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ବୁଧବାର ଅନୁଷ୍ଠିତ ଏକ ବୈଠକରେ ଚୂଡାନ୍ତ ହୋଇଛି। ବେହେରା ଛେଣ୍ଡିପଦାରୁ ଅନୁଗୋଳ ସମର୍ଥକମାନଙ୍କ ସହ ଏକ ଶୋଭାଯାତ୍ରାରେ ବାହାରି ଅନୁଗୋଳ ଉପ ଜିଲାପାଳ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଭାଜପାର ମିଡିଆ ପ୍ରଭାରୀ ଅକ୍ଷୟପାଦ ବେହେରା ସୂଚନା ଦେଇଛନ୍ତି।

### ଗଣମାଧ୍ୟମ ପ୍ରମାଣୀକରଣ, ପର୍ଯ୍ୟବେକ୍ଷଣ ପ୍ରକୋଷ୍ଠ ପୁନର୍ଗଠିତ

ଢେଙ୍କାନାଳ ଅଫିସ, ୨୭।୩ ସାଧାରଣ ନିର୍ବାଚନ ଲାଗି ରାଜନୈତିକ ଦଳର ବିଜ୍ଞାପନ ପ୍ରସାରଣ ସମ୍ପର୍କିତ ଦରଖାସ୍ତଗୁଡ଼ିକର ପ୍ରମାଣପତ୍ର ପ୍ରଦାନ, ପ୍ରଦତ୍ତ ଖବର ପର୍ଯ୍ୟବେକ୍ଷଣ ଲାଗି ମାର୍ଚ୍ଚ ୧୦ରୁ ଜିଲା କାର୍ଯ୍ୟାଳୟରେ କାର୍ଯ୍ୟ କରୁଛି ଜିଲାସ୍ତରୀୟ ଗଣମାଧ୍ୟମ ପ୍ରମାଣୀକରଣ ଓ ପର୍ଯ୍ୟବେକ୍ଷକ ପ୍ରକୋଷ୍ଠ। ଛାପା, କେବୁଲ ଏବଂ ବୈଦ୍ୟୁତିକ ଗଣମାଧ୍ୟମ ସମେତ ଚଳିତ ନିର୍ବାଚନରେ ସାମାଜିକ ଗଣମାଧ୍ୟମ ମଧ୍ୟ ପର୍ଯ୍ୟବେକ୍ଷଣ ପରିସରଭୁକ୍ତ ହୋଇଛି। ଶୃଙ୍ଖଳିତ ନିର୍ବାଚନ ପରିଚାଳନା ଲାଗି ଏହାକୁ ପୁନର୍ଗଠିତ କରାଯାଇଛି। ଜିଲାପାଳ ଏହାର ଅଧ୍ୟକ୍ଷ ଅଛନ୍ତି। ସେହିପରି ସଦସ୍ୟ ଭାବେ ଢେଙ୍କାନାଳ ଉପଜିଲାପାଳ, ଆବାହକ ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ସ୍ବାଧୀନ ନାଗରିକ ସଦସ୍ୟ ଭାବେ ପ୍ରସନ୍ନ ପଟ୍ଟନାୟକ ଏବଂ ସୋସିଆଲ ମିଡିଆ ଏକ୍ସପାର୍ଟ ଭାବେ ଅତିରିକ୍ତ ଡିଆଇଓ ମୃତ୍ୟୁଞ୍ଜୟ ନାୟକ ରହିଛନ୍ତି। ଢେଙ୍କାନାଳ ପୌରାଞ୍ଚଳ ପାଇଁ ଶୁଭଜିତ ମହାନ୍ତି ପ୍ରୋଗ୍ରାମର ଭାବେ ସୋସିଆଲ ମିଡିଆ ତଦାରଖ ସହଯୋଗୀ ଅଛନ୍ତି। ଜିଲାପାଳଙ୍କ ମୋବାଇଲ ନଂ. ୮୨୮୦୦୬୬୮୨୮, କାର୍ଯ୍ୟାଳୟ ନଂ. ୦୬୭୬୨-୨୨୬୫୦୦ ରଖାଯାଇଛି। ସେହିପରି ଆବାହକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ମୋବାଇଲ ନଂ. ୯୪୩୭୦୫୬୫୫୮, କାର୍ଯ୍ୟାଳୟ ନଂ. ୦୬୭୬୨-୨୨୪୪୧୪ ଜାରି କରାଯାଇଛି। ଆବଶ୍ୟକ ସ୍ଥଳେ ଉକ୍ତ ଟେଲିଫୋନ୍ ଏବଂ ମୋବାଇଲ ନମ୍ବର ସହାୟତାରେ ଯୋଗାଯୋଗ କରାଯାଇପାରିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

■ଅନୁଗୋଳର ୩ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା

# ରଜନୀକାନ୍ତ, ବ୍ରଜ ଓ ସୁଶାନ୍ତଙ୍କୁ ବିଜେଡି ଟିକେଟ

**ଅନୁଗୋଳ ଅଫିସ, ୨୭।୩**



ରଜନୀକାନ୍ତ ସିଂ।



ବ୍ରଜକିଶୋର ପ୍ରଧାନ।



ସୁଶାନ୍ତ କୁମାର ବେହେରା।

■ଝୁଲିଲା ଆଠମଲ୍ଲିକ, ପାଲଲହଡ଼ା

■ସିଟି ଅଫିସରେ ସମର୍ଥକଙ୍କ ଭିଡ଼

ଅନୁଗୋଳରୁ ବିଜେଡି ଟିକେଟ୍‌ରେ ପୁଣି ବିଧାନସଭା ନିର୍ବାଚନ ଲଢ଼ିବେ ବିଧାୟକ ରଜନୀକାନ୍ତ ସିଂ। ତାଳଚେର ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀ ହେବେ ବ୍ରଜକିଶୋର ପ୍ରଧାନ। ଛେଣ୍ଡିପଦା ନିର୍ବାଚନମଣ୍ଡଳୀରୁ ବି ଦ୍ୱିତୀୟ ଥର ଶଙ୍ଖଧରି ନିର୍ବାଚନ ମଇଦାନକୁ ଓହ୍ଲାଇବେ ବର୍ତ୍ତମାନର ବିଧାୟକ ସୁଶାନ୍ତ ବେହେରା। ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ବୁଧବାର ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ବେଳେ ଅନୁଗୋଳ ଜିଲାର ଏହି ୩ ବିଧାୟକଙ୍କୁ ପୁନର୍ବାର ଦଳ ଟିକେଟ୍ ଦେଇଥିବା ଜଣାପଡ଼ିଛି। ତେବେ ଜିଲାର ଅନ୍ୟ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଲଲହଡା ଓ ଆଠମଲ୍ଲିକ ପାଇଁ ଦଳ ପ୍ରାର୍ଥୀ ଘୋଷଣା ନ କରି ଝୁଲାଇ ରଖିଛି।

ଜିଲାର ୩ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ପରେ ଅନ୍ୟ ଆଶାୟୀମାନେ ନିରାଶ ହୋଇଥିଲେ ବି ବିଜେଡି କର୍ମୀ ତଥା ବିଧାୟକଙ୍କ ସମର୍ଥକ ମାନେ ଖୁସି ପ୍ରକାଶ କରିଛନ୍ତି। ସେମାନେ ଆତସବାଜି ଫୁଟାଇ ଉତ୍ସବ ମନାଇଥିବା ଦେଖିବାକୁ ମିଳିଛି। ବିଜେଡିରୁ ୪ର୍ଥ ଥର ପାଇଁ ପ୍ରାର୍ଥୀ ହୋଇଥିବା ରଜନୀକାନ୍ତ କହିଛନ୍ତି, ଅନୁଗୋଳବାସୀଙ୍କ ପାଇଁ ଦଳୀୟ ଟିକେଟ ହାସଲ କରିପାରିଛି। ଲୋକଙ୍କ ସ୍ନେହ, ଶ୍ରଦ୍ଧା କାରଣରୁ ଟିକେଟ ମିଳିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ପୂର୍ବରୁ ଲୋକଙ୍କ ସହ ଯେମିତି ଥିଲି ଏବେ ବି ସେମିତି ରହିଛି। ଅସନ୍ତୁଷ୍ଟମାନଙ୍କୁ ନେଇ ଚାଲିବାକୁ ଯୋଜନା କରିଛି। ତେବେ ବିରୋଧୀ ପ୍ରାର୍ଥୀ ନିର୍ବାଚନରେ କୌଣସି ଫରକ ପକାଇପାରିବେ ନାହିଁ ବୋଲି ସିଂ କହିଛନ୍ତି। ତାଳଚେର ବିଧାୟକ ତଥା ଦଳୀୟ ଟିକେଟ୍ ହାସଲ କରିଥିବା ବ୍ରଜକିଶୋର ପ୍ରଧାନ ପୁନର୍ବାର ବିଜେଡି ପ୍ରାର୍ଥୀ ହୋଇଥିବାରୁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ତାଳଚେରବାସୀଙ୍କ ସମର୍ଥନ ଯୋଗୁ ଏହି ନିର୍ବାଚନ ଲଢ଼ିବାକୁ ସୁଯୋଗ ପାଇଛି। ତେବେ କେଉଁମାନେ ଅସନ୍ତୁଷ୍ଟ ଅଛନ୍ତି ସେ ଜାଣନ୍ତି ନାହିଁ ବୋଲି ପ୍ରଧାନ ପ୍ରକାଶ କରିଛନ୍ତି। ଛେଣ୍ଡିପଦା ପାଇଁ ବିଜେଡି ପ୍ରାର୍ଥୀ ହୋଇଥିବା ବିଧାୟକ ସୁଶାନ୍ତ କୁମାର ବେହେରା କହିଛନ୍ତି, ନିର୍ବାଚନମଣ୍ଡଳୀର ଲୋକଙ୍କ ଆଶୀର୍ବାଦ ଥିବାରୁ ପୁନର୍ବାର ଟିକେଟ୍ ହାତେଇ ପାରିଛି। ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଉଛି।

ଅନ୍ୟପକ୍ଷରେ ଦଳୀୟ ଟିକେଟ୍ ଘୋଷଣା ପରେ ଅନୁଗୋଳ ନିର୍ବାଚନମଣ୍ଡୀରୁ ଅନ୍ୟତମ ଆଶାୟୀ ଥିବା ବିଜେଡିର ବରିଷ୍ଠ ନେତା ତଥା ତାମଡା ଅଧ୍ୟକ୍ଷ ଶକ୍ତି ପ୍ରସାଦ ପଟ୍ଟନାୟକ କୌଣସି ପ୍ରତିକ୍ରିୟା ଦେଇ ନ ଥିବା ବେଳେ ଆଶାୟୀ ଥିବା ପୂର୍ବତନ ଏନ୍‌ଏସି ନଗରପାଳ ଭକ୍ତି ପ୍ରସାଦ ଦାସ କହିଛନ୍ତି, ସମର୍ଥକଙ୍କ ସହ ଆଲୋଚନା କରି ପରବର୍ତ୍ତୀ ନିଷ୍ପତ୍ତି ନେବି। ସେହିପରି ତାଳଚେରରୁ ଟିକେଟ୍ ଆଶାୟୀ ଥିବା ତାଳଚେର ଖଣି କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ମନୋଜ ପ୍ରଧାନ କହିଛନ୍ତି, ମୋ ଉପରେ ଲୋକଙ୍କ ଆଶା, ଭରସା ଅଛି। ତାଳଚେରର ବିଭିନ୍ନ ସମସ୍ୟା ନେଇ ଦୀର୍ଘ ଦିନ ହେବ ଲଢ଼େଇ କରୁଥିବାରୁ ଦଳ ଟିକେଟ ଦେବ ବୋଲି ଆଶା ପ୍ରକଟ କରିଥିଲି। ଲୋକଙ୍କ ସ୍ୱାର୍ଥ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇବି। ତାଳଚେର ନିର୍ବାଚନମଣ୍ଡଳୀର ଆଉଜଣେ ଆଶାୟୀ ଅନୁପମା ପ୍ରଧାନ କହିଛନ୍ତି, ନବୀନଙ୍କ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଧାରରେ ଆଶା ବାନ୍ଧିଥିଲି। କିନ୍ତୁ ଦଳ ଆମ କଥା ବିଚାର କଲା ନାହିଁ। ଆମ ସହ କୌଣସି ଆଲୋଚନା ନ କରି ଟିକେଟ ଦିଆଯିବା ଦୁଃଖ ଦେଇଛି। ତେଣୁ କୌଣସି ପରିସ୍ଥିତିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ କାର୍ଯ୍ୟ କରିବି ନାହିଁ ବୋଲି ପ୍ରଧାନ ରୋକଠୋକ କହିଛନ୍ତି।

# ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତ

**ଢେଙ୍କାନାଳ ଅଫିସ, ୨୭।୩**

ସାଧାରଣ ନିର୍ବାଚନ ପାଇଁ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ଲାଗି ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଢେଙ୍କାନାଳ (୫୫), ହିନ୍ଦୋଳ (୫୬), କାମାକ୍ଷାନଗର (୫୭), ପରଜଙ୍ଗ (୫୮), ପାଲଲହଡ଼ା (୫୯), ତାଳଚେର (୬୦) ଏବଂ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ (୬୧) ଲାଗି ୨୦୧୦ ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ ସନ୍ଦୀପ କୁମାର ମେହେଟାଙ୍କୁ ନିଯୁକ୍ତି ଦିଆଯାଇଛି। ତାଙ୍କ ମୋବାଇଲ ନଂ. ୮୯୮୫୯୭୨୩୯୫ ଏବଂ ଇମେଲ୍ sandeep.k.mehta@incom-etax.gov.in ରହିଛି।

ସେହିପରି ଢେଙ୍କାନାଳ, କାମାକ୍ଷାନଗର, ପରଜଙ୍ଗ, ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୨୦୦୬ ବ୍ୟାଚ୍‌ର ଭାରତୀୟ ରେଳ ହିସାବ ସେବା ଅଧିକାରୀ ଜେ.ଏଲ୍. ୱାଙ୍ଖେଡେଙ୍କୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଭାରତ ନିର୍ବାଚନ କମିଶନ ନିଯୁକ୍ତି ଦେଇଛନ୍ତି। ତାଙ୍କର ମୋବାଇଲ ନଂ.୯୫୮୨୭୨୭୮୨୯ ଏବଂ ଇମେଲ remem2022@gmail.com। ଗୁରୁବାର ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଉଭୟ ଅଧିକାରୀ ଢେଙ୍କାନାଳ ଆସିବା କାର୍ଯ୍ୟକ୍ରମ ରହିଥିବା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ନିଖିଲ ପଓ୍ବନ କଲ୍ୟାଣ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# ଆଠମଲ୍ଲିକ ପାଇଁ ସସ୍‌ପେନ୍ସ ଜାରି

**ଆଠମଲ୍ଲିକ, ୨୭।୩(ଡି.ଏନ.ଏ.)**

**ନଳିନୀ ଇନ୍ ନଗେନ୍ଦ୍ର ଆଉଟ୍**

ନିର୍ବାଚନ ଯେତିକ ପାଖେଇ ଆସୁଛି ୬୩- ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି, ଭାଜପା ଟିକେଟ୍ ନେଇ ସସ୍‌ପେନ୍ସ ସେତିକି ବଢ଼ିବାରେ ଲାଗିଛି। ବୁଧବାର ସମ୍ବଲପୁର ଲୋକ ସଭା କ୍ଷେତ୍ର ପାଇଁ ବିଜେଡି ଇଂ. ନଳିନୀକାନ୍ତ ପ୍ରଧାନଙ୍କୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଏହି କ୍ଷେତ୍ର ଅଧୀନରେ ଆସୁଥିବା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କାହାରି ନାଁ ଘୋଷଣା କରିନାହିଁ। ବିଜେଡିରେ ଏକାଧିକ ଆଶାୟୀ ରହିଥିବାରୁ କାହାକୁ ଦଳ ଟିକେଟ୍ ଦେବ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସେହିପରି ଭାଜପା ମଧ୍ୟ ଏହି ନିର୍ବାଚନ ମଣ୍ଡଳୀରୁ ଏ ପର୍ଯ୍ୟନ୍ତ କାହାକୁ ପ୍ରାର୍ଥୀ କରିନି। କଂଗ୍ରେସ କିନ୍ତୁ ବିଜୟାନନ୍ଦ ଚାଉଳିଆଙ୍କୁ ବିଧାନସଭା ପ୍ରାର୍ଥୀ ରୂପେ ଘୋଷଣା କରିସାରିଛି।

ସମ୍ବଲପୁର ଲୋକସଭା କ୍ଷେତ୍ରରେ କ୍ଷେତ୍ରରେ ୬୩-ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି। ଏହି ଆସନ ପାଇଁ ବିଧାୟକ ସଞ୍ଜୀବ କୁମାର ସାହୁ, ଅବସରପ୍ରାପ୍ତ ଅତିରିକ୍ତ କମିଶନର ରମେଶଚନ୍ଦ୍ର ସାଏ, ସାମାଜିକ କର୍ମୀ ଅର୍ଜୁନ ସାହୁ ପ୍ରମୁଖ ବିଜେଡି ଟିକେଟ୍ ପାଇବା ପାଇଁ ଆଶା ବାନ୍ଧିଛନ୍ତି। ତୃତୀୟ ପର୍ଯ୍ୟାୟରେ ଅର୍ଥାତ୍ ଏପ୍ରିଲ ୨୩ରେ ଭୋଟ ଗ୍ରହଣ ହେବ। ଏଥିପାଇଁ ଆସନ୍ତା ୨୮ରୁ ଏପ୍ରିଲ ୪ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ କରାଯିବ। କିନ୍ତୁ ଏହି ଆସନରୁ କିଏ ବିଜେଡି ପ୍ରାର୍ଥୀ ହେବେ ତାହା ଦଳର ରାଜ୍ୟ ସଭାପତି ସ୍ପଷ୍ଟ କରୁ ନ ଥିବା ବେଳେ ସାଧାରଣରେ ଉତ୍ସାହ ବଢ଼ି ବଢ଼ି ଚାଲିଛି।

## କଟକଣା ସତ୍ତ୍ୱେ ଅନୁମତି ନ ନେଇ ଅନୁଗୋଳ ସହରରେ ନିର୍ବାଚନୀ ହୋର୍ଡିଂ







ଅନୁଗୋଳ ରାଜା ଛକଠାରୁ ଟ୍ରାଫିକ୍ ଛକ ରାସ୍ତା କଡରେ ଭାଜପା ପକ୍ଷରୁ ହୋର୍ଡିଂ ଲାଗିଛି। ସେହିପରି ରାଜା ଛକଠାରୁ ଟ୍ରାଫିକ୍ ଛକ ରାସ୍ତା ପାର୍ଶ୍ୱରେ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ହୋର୍ଡିଂ ଲାଗିଛି (ଡାହାଣ)। କିନ୍ତୁ ଏଥିପାଇଁ ଅନୁମତି ନିଆଯାଇ ନ ଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ପ୍ରଶ୍ନବାଚୀରେ ମହିଳା କାର୍ଡ

**ଅନୁଗୋଳ ଅଫିସ, ୨୭।୩**

ଅନୁଗୋଳ ଜିଲାର ତିନୋଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବୁଧବାର ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇଛି। ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରେ କେହି ନୂଆ ମୁହଁ କି ମହିଳା ନାହାନ୍ତି। ବରଂ ସ୍ଥାନୀୟ ୩ ବିଧାୟକଙ୍କୁ ରାଜ୍ୟ ବିଜେଡି ସଭାପତି ପୁନର୍ବାର ଟିକେଟ ଦେଇଛନ୍ତି। ତେବେ ଜିଲାର ଅନ୍ୟ ଦୁଇ ବିଧାନସଭାକ୍ଷେତ୍ର ପାଲଲହଡ଼ା ଓ ଆଠମଲ୍ଲିକ ପାଇଁ ଦଳ ପ୍ରାର୍ଥୀ ଘୋଷଣା ବାକି ରଖିଥିଲେ ବି ମହିଳାଙ୍କ ପାଇଁ ନବୀନଙ୍କ ୩୩ ପ୍ରତିଶତ ସଂରକ୍ଷଣ ଅନୁଗୋଳରେ କୁଆଡ଼େ ଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ଅନୁଗୋଳ ଜିଲାର ୫ଟି ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଛି। ଭାଜପା ମଧ୍ୟ ଆଠମଲ୍ଲିକକୁ ବାଦ୍ ଦେଇ ବାକି ୪ଟିରେ ପ୍ରାର୍ଥୀ କିଏ ତାହା ଜଣାଇସାରିଛି। କିନ୍ତୁ ବିଜେଡି ମାତ୍ର ୩ଟିରେ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ସ୍ଥାନୀୟ ବିଧାୟକଙ୍କୁ ହିଁ ଟିକେଟ୍ ଧରାଇଛି। ଦଳୀୟ ଟିକେଟ ପାଇଥିବା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ଏହାକୁ ମିଶାଇ ୪ର୍ଥ ଥର ପାଇଁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ୨୦୧୪ ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ୨୦ ହଜାର ୩୪୩ ଭୋଟରେ ମାତ୍ ଦେଇଥିଲେ। ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ସଂଗ୍ରାମ କେଶରୀ ମିଶ୍ରଙ୍କୁ ୨୦ ହଜାର ୪୬୩ ଭୋଟରେ ହରାଇଥିଲେ। ଏହା ପୂର୍ବରୁ ମଧ୍ୟ ୨୦୦୪ ନିର୍ବାଚନରେ ସେ ଅନୁଗୋଳ ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ସେହିପରି ଛେଣ୍ଡିପଦା ନିର୍ବାଚନମଣ୍ଡଳୀରୁ ପୁନର୍ବାର ବିଜେଡି ପ୍ରାର୍ଥୀ ହୋଇଥିବା ବିଧାୟକ ସୁଶାନ୍ତ ବେହେରା ୨୦୧୪ ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ବିଜୟୀ ହୋଇଥିଲେ। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଅଗସ୍ତି ବେହେରାଙ୍କୁ ୯ ହଜାର ୮୦୭ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ସେହିପରି ତାଳଚେରରେ ଦ୍ୱିତୀୟ ଥର ପାଇଁ ଦଳୀୟ ଟିକେଟ ପାଇଥିବା ବ୍ରଜକିଶୋର ପ୍ରଧାନ ୨୦୦୯ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଥମ ଥର ପାଇଁ ସାଧାରଣ ନିର୍ବାଚନକୁ ଓହ୍ଲାଇ ବିଜେଡିର ଟାଣୁଆ ନେତା ମହେଶ ସାହୁଙ୍କୁ ୮ ହଜାର ୬୪୨ ଭୋଟରେ ପରାସ୍ତ କରିଥିଲେ। ଏହାପରେ ୨୦୧୪ ନିର୍ବାଚନରେ ସେ ବିଜେଡି ଟିକେଟରୁ ଲଢ଼ି ଭାଜପାର କାଳନ୍ଦୀ ସାମଲଙ୍କୁ ୧୪ ହଜାର ୩୨୨ ଖଣ୍ଡ ଭୋଟରେ ହରାଇଥିଲେ। ଏବେ ତୃତୀୟ ଥର ପାଇଁ ସେ ତାଳଚେର ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଅନ୍ୟପକ୍ଷରେ ଆଠମଲ୍ଲିକ ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟ୍‌ରେ ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନ ଜିତିଥିବା ସଞ୍ଜୀବ ସାହୁ ଏବଂ ପାଲଲହଡ଼ାରୁ ଗତ ନିର୍ବାଚନରେ ବିଜୟୀ ହୋଇଥିବା ମହେଶ ସାହୁଙ୍କୁ ଦଳ ସେଠାରୁ ଆଉ ପ୍ରାର୍ଥୀ କରିବ କି ନାହିଁ ତାହା ଜଣାପଡ଼ିନାହିଁ। ଏଠାରେ ବିଜେଡି ମହିଳା କାର୍ଡ ଖେଳିବ କି ନାହିଁ ତାହାକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି।

■ଢେଙ୍କାନାଳ: ୪ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ଘୋଷିତ

# ସରୋଜଙ୍କ ସ୍ଥାନରେ ସୁଧୀର

**ଢେଙ୍କାନାଳ ଅଫିସ, ୨୭।୩**



ନୃସିଂହ ଚରଣ ସାହୁ।



ପ୍ରଫୁଲ୍ଲ କୁମାର ମଲ୍ଲିକ।



ସୀମାରାଣୀ ନାୟକ।



ସୁଧୀର କୁମାର ସାମଲ।

■ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ ଅପରିବର୍ତ୍ତିତ

■ପ୍ରାର୍ଥିତ୍ୱ ବଜାୟ ରଖିଲେ ମନ୍ତ୍ରୀ ପ୍ରଫୁଲ୍ଲ, ନୃସିଂହ

ଢେଙ୍କାନାଳ ଜିଲାର ୪ ବିଧାନସଭା ଆସନ ଲାଗି ବୁଧବାର ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଚଳିତ ନିର୍ବାଚନରେ ସଦର ବିଧାୟକ ସରୋଜ କୁମାର ସାମଲଙ୍କ ଟିକେଟ କଟିଛି। ତାଙ୍କ ସ୍ଥାନରେ ପୂର୍ବତନ ବିଧାୟକ ସୁଧୀର ସାମଲଙ୍କୁ ଦଳ ପ୍ରାର୍ଥୀ କରିଛି। ଅନ୍ୟ ୩ ଆସନ ଅପରିବର୍ତ୍ତିତ ରହିଛି। କାମାକ୍ଷାନଗରରୁ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପରଜଙ୍ଗରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ ଏବଂ ହିନ୍ଦୋଳ ସଂରକ୍ଷିତ ଆସନରୁ ବିଧାୟିକା ସୀମାରାଣୀ ନାୟକଙ୍କ ଉପରେ ପୁଣି ଥରେ ଆସ୍ଥା ପ୍ରକଟ କରିଛି ଦଳ। ବିଜେଡି ପକ୍ଷରୁ ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଘୋଷଣା କରାଯିବାପରେ ନିର୍ବାଚନୀ ବାତାବରଣର ଉଷ୍ମତା ପରିଲକ୍ଷିତ ହୋଇଛି।

ସୁଧୀର ୨୦୦୪ରେ କଂଗ୍ରେସ ଦଳରୁ ନିର୍ବାଚନ ଲଢ଼ି ବିଧାୟକ ଭାବେ ବିଜୟୀ ହୋଇଥିଲେ। ଏହାପରେ ତାଙ୍କୁ ସଫଳତା ମିଳି ନ ଥିଲା। ୨୦୦୯ରେ ନବୀନ ନନ୍ଦ ଏବଂ ୨୦୧୪ରେ ସରୋଜ କୁମାର ସାମଲ ଏଠାରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ସୁଧୀର କଂଗ୍ରେସରୁ ଢେଙ୍କାନାଳ ଲୋକ ସଭା ଏମ୍‌ପି ପ୍ରାର୍ଥୀ ହୋଇଥିବାବେଳେ ତାଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏହାପରେ ସେ ବିଜେଡିରେ ଯୋଗଦେଇଥିଲେ। ଦଳ ପକ୍ଷରୁ ତାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ପଦବୀରେ ନିଯୁକ୍ତି କରାଯାଇଥିଲା।

ସେହିପରି କାମାକ୍ଷାନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କ୍ରମାଗତ ୩ଥର ହେଲା ବିଜୟୀ ହୋଇ ଆସୁଛନ୍ତି। ଚଳିତ ନିର୍ବାଚନ ଲାଗି ସେ ଉକ୍ତ ନିର୍ବାଚନମଣ୍ଡଳୀରୁ ପ୍ରମୁଖ ଦାବିଦାର ଥିଲେ। ଅନୁରୂପ ଭାବେ ନବଗଠିତ ପରଜଙ୍ଗ ବିଧାନସଭା ଆସନରୁ ୨ଥର ବିଧାୟକ ଭାବେ ଜିତି ଆସୁଥିବା ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁଙ୍କୁ ଦଳ ପୁଣି ଥରେ ଟିକେଟ ଦେଇଛି। ସେହିପରି ୨୦୧୪ରେ ହିନ୍ଦୋଳ ସଂରକ୍ଷିତ ଆସନରୁ ବିଜୟୀ ହୋଇଥିବା ସୀମାରାଣୀ ନାୟକଙ୍କୁ ପୁଣି ଥରେ ମଇଦାନକୁ ଆଣିଛି ବିଜେଡି।

ଅନ୍ୟପଟେ ଢେଙ୍କାନାଳ ଲୋକ ସଭା ଆସନକୁ ଝୁଲାଇ ରଖିଛି ବିଜେଡି। ଭାଜପା ପକ୍ଷରୁ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣିଙ୍କୁ ପ୍ରାର୍ଥୀ କରାଯିବା ପରେ ତାଙ୍କୁ ଟକ୍କର ଦେବାକୁ ଯୋଗ୍ୟ ପ୍ରାର୍ଥୀ ଖୋଜୁଛି ଶାସକ ଦଳ। ବିଜେଡିର ଅନ୍ୟତମ ହେଭିୱେଟ ନେତା ତଥା ୪ ଥର ଏମ୍‌ପି ରହିଆସିଥିବା ତଥାଗତ ସତପଥୀ ଚଳିତ ନିର୍ବାଚନରୁ ନିଜକୁ ଦୂରେଇ ରଖିଛନ୍ତି। ତାଙ୍କ ସ୍ଥାନରେ ଦଳ କାହାକୁ ପ୍ରାର୍ଥୀ କରିବ ତାହା ଉପରେ ସମସ୍ତଙ୍କ ନଜର ଅଟକିଛି।

ଜିଲାର ୪ ବିଧାନସଭା ଆସନ ଲାଗି ଭାଜପା ଏବଂ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ଶେଷ ହୋଇଛି। ଢେଙ୍କାନାଳ ସଦର ବିଧାନସଭା ଆସନରୁ ନବୀନ ନନ୍ଦ କଂଗ୍ରେସ ପ୍ରାର୍ଥୀ ହୋଇଥିବାବେଳେ ଅନ୍ୟ ଆସନଗୁଡ଼ିକ ଅସ୍ପଷ୍ଟ ରହିଛି। ଏସବୁ ଭିତରେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ଚିତ୍ର ସ୍ପଷ୍ଟ ହୋଇଛି। ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାଜପା, କଂଗ୍ରେସ ଏବଂ ବିଜେଡି ପ୍ରାର୍ଥୀ ବିଧାୟକ ରହି ଆସିଛନ୍ତି। ସମସ୍ତେ ରାଜନୀତିରେ ପୁରୁଣା। ତେଣୁ ଏଠାରେ ହେଭିୱେଟ ଫାଇଟ୍ ହେବ ବୋଲି ଆଲୋଚନା ହେଉଛି। ଗୁରୁବାରଠାରୁ ଜିଲାରେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବା ସହିତ ବିଜ୍ଞପ୍ତି ପ୍ରକାଶ ପାଇବ।

# କରତାଳି ଗୋଟାଇଲା ‘ଏବଂ କିଏ’ ଓ ‘ବାସନ୍ଦ’

**ତାଳଚେର,୨୭।୩(ନି.ପ୍ର.)**

ତାଳଚେର ଜଗନ୍ନାଥ କଳାକେନ୍ଦ୍ର ପରିସରରେ ଚାଲିଥିବା ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନାଟକ ‘ଏବଂ କିଏ’ ଓ ‘ବାସନ୍ଦ’ ବେଶ୍ କରତାଳି ସାଉଣ୍ଟିଛି। ଉପସ୍ଥିତ ଶତାଧିକ ଦର୍ଶକ ଏହାକୁ ଉପଭୋଗ କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ ଏମ୍.ଜି.ବ୍ରହ୍ମପୁରକର, ସମ୍ମାନିତ ଅତିଥି ହିଙ୍ଗୁଳା କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଶାନ୍ତା କୁମାର ଚୌଧୁରୀ ଓ ବରିଷ୍ଠ ନାଟ୍ୟକାର ପ୍ରଦୀପ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। ପ୍ରଥମେ ପରିବେଷିତ ହୋଇଥିଲା ନାଟକ ‘‘ଏବଂ କିଏ’’। ସମାଜରେ ସଂରକ୍ଷଣ ବ୍ୟବସ୍ଥା କିପରି ପ୍ରହସନ ପାଲଟିଛି ତାହାର ବାର୍ତ୍ତା ଦେଇଥିଲା ଏହି ନାଟକ। ନାଟ୍ୟକାର ଡ.ପ୍ରଦୀପ ଭୌମିକ ଏହାର ରଚନା କରିଥିଲେ ଓ ନିର୍ଦ୍ଦେଶନା ଦେଇଥିଲେ ମନୋଜ ସାହୁ। ଆମେ ବଞ୍ଚିଛୁର କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ପରେ ସରଣୀ ନବଯୁବକ ସଂଘ ରାଉରକେଲା କଳାକାରମାନେ ପରିବେଷଣ କରିଥିଲେ ନାଟକ ‘ବାସନ୍ଦ’। ପରମ୍ପରା ନାମରେ ନିମ୍ନ ଶ୍ରେଣୀର ଜନଜାତିଙ୍କ ଉପରେ ହେଉଥିବା ଶୋଷଣ, ଅତ୍ୟାଚାରର କାହାଣୀକୁ ବଳିଷ୍ଠ ଢଙ୍ଗରେ ଏଥିରେ ପରିବେଷଣ କରାଯାଇଥିଲା। ନାଟ୍ୟକାର ପ୍ରଦୀପ ପଣ୍ଡା ଏହାକୁ ରଚନା କରିଥିଲେ ଓ ନିର୍ଦ୍ଦେଶନା ଦେଇଥିଲେ ନିହାର ମିଶ୍ର।

## ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ

**ବଇଣ୍ଡା, ୨୭।୩(ଡି.ଏନ.ଏ.)**

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ବଇଣ୍ଡା ମେଡିକାଲ ନିକଟରେ ସନ୍ଧ୍ୟାରେ ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡ଼ିକୁ ଅଟକାଇ ଡ୍ରାଇଭିଂ ଲାଇସେନ୍ସ, ଗାଡ଼ିର ସମସ୍ତ କାଗଜପତ୍ର, ହେଲମେଟ ଆଦି ଯାଞ୍ଚ କରାଯାଇଥିଲା। ଏଥିରେ ୯ ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବଇଣ୍ଡା ଫାଣ୍ଡି ଅଧିକାରୀ ଆର୍. ଏନ୍ ବିଶ୍ୱାଳ ଏହି ଯାଞ୍ଚ କରିଥିଲେ।

## ଟ୍ରାକ୍ଟର ଓଲଟି ଜଣେ ମୃତ

**ବଅଁରପାଳ, ୨୭।୩(ଡି.ଏନ.ଏ.)**

ବଅଁରପାଳ ଥାନା ଭୋଗବେରେଣୀ ରାସ୍ତାରେ ବୁଧବାର ଏକ ଟ୍ରାକ୍ଟର ଓଲଟି ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ପରଜଙ୍ଗ ଥାନା ଅଞ୍ଚଳର ସୁନୀଲ ସୋରେନ(୧୯) ବୋଲି ଜଣାପଡିଛି। ଟ୍ରାକ୍ଟର(ନଂ.ଓଡ଼ି ଏଲ୍ ୧୯୧୩)ଟି ଶାଳଗାଡିଆରୁ ଭୋଗବେରେଣୀ ଆଡକୁ ଆସୁଥିବାବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଆଗରେ ବସିଥିବା ସୁନୀଲ ତଳେ ଖସିପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ନଂ. ୧୦୦/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଛି।

## ଦୁର୍ଘଟଣାରେ ୩ ଗୁରୁତର

**ବଅଁରପାଳ, ୨୭।୩ (ଡି.ଏନ୍.ଏ.)**

୫୫ ନମ୍ବର ଜାତୀୟ ରାଜପଥର ନାଲ୍‌କୋ ଥାନା କୁଲାଡ଼ ଛକ ନିକଟରେ ବୁଧବାର ଅପରାହ୍ନରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଯୋଗୁ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଢେଙ୍କାନାଳ ଜିଲା ବଳରାମପ୍ରସାଦର ଜଗନ୍ନାଥ ରଣା ଓ ତାଙ୍କ ସ୍ତ୍ରୀ ସ୍ୱାଗତିକା। ଅନ୍ୟ ଜଣେ ହେଲେ ଅନୁଗୋଳ ତୁରଙ୍ଗ ଗ୍ରାମର ଶ୍ରୀହରି ବେହେରା। ସେମାନଙ୍କୁ ନାଲ୍‌କୋ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ଜଣା ଅଜଣା କାର୍ଯ୍ୟକ୍ରମ

**ଅନୁଗୋଳ ଅଫିସ, ୨୭।୩**

ବଅଁରପାଳ ସ୍ଥିତ କାଣ୍ଡସର ଗ୍ରାମରେ ପଞ୍ଚୁଦୋଳ ଯାତ୍ରା ଅବସରରେ ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ଶାଖା ପକ୍ଷରୁ ଏକ ମୁକ୍ତ ମଞ୍ଚ ଜଣା ଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ତଥା ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ, ମହାପୁରୁଷଙ୍କ ଜୀବନୀ, ନିଶାସେବନ ଓ ସମାଜରେ ପ୍ରଚଳିତ କୁସଂସ୍କାର ବିରୋଧରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ପ୍ରଶ୍ନମାନ ପଚରା ଯାଇଥିଲା। ଗ୍ରାମ ସଭାପତି ଉଦୟନାଥ ସାହୁ ସଭାପତିତ୍ୱ କରିଥିଲେ। ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖା ସମ୍ପାଦକ ଧନେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମିଳନୀର କୋଷାଧ୍ୟକ୍ଷ ଶ୍ରୀକାନ୍ତ କୁମାର ସାହୁ ପ୍ରଶ୍ନ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଦୁର୍ଯ୍ୟୋଧନ ମୁଦୁଲି, ପୂର୍ବତନ ସରପଞ୍ଚ ଗୌରଚନ୍ଦ୍ର ପ୍ରଧାନ, ସୁଦର୍ଶନ ସାହୁ, ଦୁଃଖବନ୍ଧୁ ସାହୁ, ବିଶ୍ୱନାଥ ପ୍ରଧାନ ପ୍ରମୁଖ ଯୋଗଦାନ କରି ୩୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।













Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ